## ସଂକ୍ଷେପରେ

### ବଜ୍ରପାତରେ ଜଣେ ଗୁରୁତର



ପାପଡ଼ାହାଣ୍ଡି,୧୮।୫(ଡି.ଏନ.ଏ.)- ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ପାତ୍ରୀ ପଞ୍ଚାୟତର ବୁଚିଆଗୁଡ଼ା ଗ୍ରାମରେ ବୁଧବାର ବଜ୍ରପାତରେ ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ସେ ହେଲେ ରାଜମନ ଜାନି। ସୂଚନା ଅନୁଯାୟୀ, ଅପରାହ୍ନରେ ଅଞ୍ଚଳରେ ବର୍ଷା ସହ ବଜ୍ରପାତ ଓ ପବନ ହୋଇଥିଲା। ଏହି ସମୟରେ ରାଜମନ ନିଜ ଇଟାଭାଟିକୁ ପଲିଥିନ ଢାଙ୍କିବାକୁ ଯାଇଥିଲେ। ହଠାତ୍ ବଜ୍ରପାତ ଯୋଗୁ ସେ ଅଚେତ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି।

### ସଡ଼କ ଦୁର୍ଘଟଣାରେ ଯୁବକ ମୃତ



ମୁନିଗୁଡ଼ା,୧୮।୫ (ଡି.ଏନ୍.ଏ.)- ରାୟଗଡ଼ା ଜିଲା ମୁନିଗୁଡ଼ାସ୍ଥିତ ଢୋଲମଣି ସାହୁଙ୍କ ପୁଅ ଜଗା(୨୦)ଙ୍କ ସଡ଼କ ଦୁର୍ଘଟଣାରେ ବୁଧବାର ଅପରାହ୍ନରେ ମୃତ୍ୟୁ ଘଟିଛି। ଜଗା ଭବାନିପାଟଣାରୁ ଘରକୁ ବାଇକ୍ ଯୋଗେ ଫେରୁଥିଲେ। ଗୋପୀନାଥପୁର ଛକଠାରେ ସମ୍ମୁଖ ଦିଗରୁ ଆସୁଥିବା ଏକ ଟ୍ରେଲର୍ ପାର୍ଶ୍ୱରୁ ଧକ୍କା ହୋଇଥିଲା। ଜଗା ତଳେ ପଡ଼ିଯିବା ଫଳରେ ଟ୍ରେଲର୍ ଚକା ତାଙ୍କ ଉପରେ ଚଢ଼ିଯାଇଥିଲା। ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଜଗାଙ୍କ ବାପାଙ୍କର ମୁନିଗୁଡ଼ା ବସ୍‌ଷ୍ଟାଣ୍ଡରେ ହୋଟେଲ ରହିଛି। ଘଟଣା ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ବ୍ଲକ ପକ୍ଷରୁ ଧନୁର୍ଜୟ ବାବାଙ୍କୁ ହୁଇଲ୍ ଚେୟାର ପ୍ରଦାନ



ଉମରକୋଟ,୧୮।୫(ସ୍ୱ.ପ୍ର.)- ଅଲେଖ ଧର୍ମର କିମ୍ବଦନ୍ତୀ ଧନୁର୍ଜୟ ବାବାଙ୍କୁ ଦେଖିଲେ ଅଲେଖ ଧର୍ମାବଲମ୍ବୀଙ୍କ ମଧ୍ୟରେ ଉତ୍ସାହ ନଜର ଆସିଥାଏ। ଧନୁର୍ଜୟ ବାବା କୌଣସି ଯାନବାହନରେ ଯାଆନ୍ତି ନାହିଁ। ତାଙ୍କ ଶିଷ୍ୟମାନେ ରଥ ତଥା ପାଲିଙ୍କିରେ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ନେଇଥାନ୍ତି। ଏପରିକି ବାବା ମାଘମେଳାରେ ଯୋଗଦେବା ପାଇଁ ସୁଦୂର ୭୦୦ କିମି ଦୂରରେ ଥିବା ଯୋରନ୍ଦାକୁ ଯାଆନ୍ତି। ତେବେ ବାବାଙ୍କୁ ଏବେ ୯୨ ବର୍ଷ ହେଲାଣି। ଏବେ ତାଙ୍କପାଇଁ ଚାଲିବା ମଧ କଷ୍ଟକର ହୋଇପଡ଼ିଛି। ଏଭଳି ପରିସ୍ଥିତିରେ ବୁଧବାର ବାବା ଧନୁର୍ଜୟଙ୍କୁ ଉମରକୋଟ ବ୍ଲକ ପକ୍ଷରୁ ଏକ ହୁଇଲ୍ ଚେୟାର ପ୍ରଦାନ କରାଯାଇଛି। ଉମରକୋଟସ୍ଥିତ ବାବାଙ୍କ ଆଶ୍ରମରେ ହୁଇଲ୍ ଚେୟାନ ପ୍ରଦାନ କରାଯାଇଛି। ଏହି ସମୟରେ ଉମରକୋଟ ବ୍ଲକ ଅଧକ୍ଷା ସୁଶୀଳା ମାଝି, ନେହୁରା ସରପଞ୍ଚ ଉର୍ମିଳା ଭତ୍ରା, ଜାମରୁଣ୍ଡା ସରପଞ୍ଚ ଜଗଦୀଶ ଗଣ୍ଡ ଓ ବରିଷ୍ଠ ବିଜେଡି ନେତା ଦେବୀ ସିଂ ମାଝି ଉପସ୍ଥିତ ଥିଲେ।

# ପଞ୍ଚାୟତ ଅଫିସରେ ତାଲା ପକାଇଲେ ହିତାଧିକାରୀ

**ଭତ୍ତା ଟଙ୍କା ନ ମିଳିବାରୁ ସରପଞ୍ଚ, ୱାର୍ଡସଭ୍ୟ, ଭିଏଲ୍‌ଡବ୍ଲ୍ୟୁଙ୍କୁ ଘେରିଲେ**

ଟିକିରି,୧୮।୫(ଡି.ଏନ୍.ଏ.)

ଟାଇଁ ଟାଇ ଖରାରେ ଭତ୍ତା ଟଙ୍କା ପାଇଁ ବୟସ୍କ ଲୋକେ ପଞ୍ଚାୟତ କାର୍ଯ୍ୟାଳୟକୁ ଆସୁଛନ୍ତି। ହେଲେ ପଞ୍ଚାୟତ ଅଧିକାରୀ ସେମାନଙ୍କୁ ଭତ୍ତା ଦେବା ବଦଳରେ ବିଭିନ୍ନ ଆଳ ଦେଖାଇ ହଇରାଣ କରୁଛନ୍ତି। ରାୟଗଡ଼ା ଜିଲା କାଶୀପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରୁ ବୁଧବାର ହିତାଧିକାରୀମାନେ ଏପରି ଅଭିଯୋଗ କରିଛନ୍ତି। ଉତ୍ତ୍ୟକ୍ତ ହୋଇ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ଠୁଙ୍କିଛନ୍ତି।



ହିତାଧିକାରୀମାନେ ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

ଟଙ୍କା ଆସିଥିବା ଆଶାରେ ହିତାଧିକାରୀମାନେ ବାରମ୍ବାର ବ୍ୟାଙ୍କ ଏବଂ ଗ୍ରାହକ ସେବା କେନ୍ଦ୍ରକୁ ଯାଇ ବ୍ୟାଙ୍କ ଖାତା ଯାଞ୍ଚ କରୁଛନ୍ତି। ହେଲେ କାହା ଖାତାରେ ଗୋଟିଏ ମାସର ଟଙ୍କା ଜମା ହୋଇଥିବାବେଳେ ଅନେକ ହିତାଧିକାରୀଙ୍କ ଖାତାରେ ଟଙ୍କା ଜମା ହୋଇ ନ ଥିବା କହିଛନ୍ତି। ଏ ନେଇ ବୁଧବାର ହିତାଧିକାରୀମାନେ ଅସନ୍ତୋଷ ପ୍ରକାଶ କରି କାଶୀପୁର ସରପଞ୍ଚ, ୱାର୍ଡସଭ୍ୟ ଏବଂ ଭିଏଲ୍‌ଡବ୍ଲ୍ୟୁଙ୍କୁ ଘେରାଉ କରିବା ସହ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ) କୁମରସ୍ୱାମୀ ଡୁରୁକ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଶୀଘ୍ର ଭତ୍ତା ଟଙ୍କା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଉତ୍ତ୍ୟକ୍ତ ଲୋକେ ତାଲା ଖୋଲିଥିଲେ।

# ବଜ୍ରପାତରେ ୨ ମୃତ, ୩ ଗୁରୁତର

ନବରଙ୍ଗପୁର,୧୮।୫(ବି.ପ୍ର.)

ନବରଙ୍ଗପୁର ଜିଲା ରାଇଘର ବ୍ଲକ ଅନ୍ତର୍ଗତ ହାଟଭରଣ୍ଡି ପଞ୍ଚାୟତର ଜଟିଆରପାରା ଗ୍ରାମରେ ବୁଧବାର ବଜ୍ରପାତରେ ଦୁଇ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୩ ଜଣ ଗୁରୁତର ହୋଇଛନ୍ତି। ଦୁଇ ମୃତକ ହେଲେ ତିଲେଶ ଗଣ୍ଡ(୧୪) ଏବଂ ଛତିଶଗଡ଼ର ରାଜାରାମ ଗଣ୍ଡ। ଗୁରୁତରମାନଙ୍କୁ ହାଟଭରଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ଜଟିଆରପାରାରେ ମଣ୍ଡେଇ ଚାଲିଥିବା ଯୋଗୁ ଗାଁର ମୋତିଲାଲ ଗଣ୍ଡଙ୍କ ଘରକୁ ସମ୍ପର୍କୀୟମାନେ ଆସିଥିଲେ। ସନ୍ଧ୍ୟାବେଳେ ମୋତିଲାଲଙ୍କ ସମେତ ରାଜାରାମ, ତିଲେଶ, ଲୋକେଶ ଗଣ୍ଡ ଏବଂ ମୁଲେଶ୍ୱରୀ ଗଣ୍ଡ ଘର ନିକଟରେ ବସିଥିଲେ। ଏହି ସମୟରେ ହଠାତ ବଜ୍ରପାତ ଯୋଗୁ ରାଜାରାମ ଓ ତିଲେଶଙ୍କ ମୃତ୍ୟୁ ଘଟିଥିଲା।

# ଅଭିଯୋଗ ଶୁଣାଣିରେ ୭୨ ମାମଲା ଫଇସଲା



ଠିପିବନ୍ଦ ମଦ ଦୋକାନ ବନ୍ଦ ପାଇଁ ମହିଳାମାନେ ଦାବି ଜଣାଉଛନ୍ତି ।

ରାଇଘର/ନବରଙ୍ଗପୁର, ୧୮।୫(ଡି.ଏନ୍.ଏ./ବି.ପ୍ର.)–

ନବରଙ୍ଗପୁର ଜିଲାର ରାଇଘର ବ୍ଲକ କାର୍ଯ୍ୟାଳୟରେ ବୁଧବାର ଜିଲା ପ୍ରଶାସନ ପକ୍ଷରୁ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କମଳଲୋଚନ ମିଶ୍ର, ଏସ୍‌ପି ଏସ୍. ସୁଶ୍ରୀ, ଡିଆର୍‌ଡିଏ ପିଡି ରତ୍ନାକର ସାହୁ, ଜିଲାର ସମସ୍ତ ବିଭାଗୀୟ ଅଧିକାରୀ, ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ତହସିଲଦାର ଶକ୍ତି ମହାପାତ୍ର, ସହକାରୀ ଯନ୍ତ୍ରୀ ଅଶ୍ୱିନୀ କୁମାର ପଟ୍ଟନାୟକ, ଜିଲା ଓ ବ୍ଲକ ସ୍ତରୀୟ ସମସ୍ତ ଅଧିକାରୀ ଅଭିଯୋଗ ଶୁଣାଣିରେ ଉପସ୍ଥିତ ଥିଲେ। ଏଥିରେ ମୋଟ ୭୨ ଟି ଅଭିଯୋଗର ଶୁଣାଣି ହୋଇଥିଲା।

ପରେ ଜିଲାପାଳ ମୂର୍ତ୍ତିମାଠାରେ ଚାଲିଥିବା ଭାରତମାଳା ପ୍ରକଳ୍ପରେ ଜାତୀୟ ରାଜପଥ କାର୍ଯ୍ୟର ତଦାରଖ କରିଥିଲେ। ଏଥିସହ ବେହେଡ଼ାଠାରେ ଚାଲିଥିବା ୫ଟି ସ୍କୁଲର ନିରୀକ୍ଷଣ କରିବା ସହ ୪ ଦିବ୍ୟାଙ୍ଗ ପିଲାଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରିଥିଲେ। କୋପେନା ପଞ୍ଚାୟତ ଅଧୀନରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଚାଲିଥିବା ୪ ବନ୍ଧ କାର୍ଯ୍ୟର ମଧ୍ୟ ଅନୁଧ୍ୟାନ କରି ଖୁସି ବ୍ୟକ୍ତ କରିଥିଲେ। ପାନୀୟ ଜଳ, ରାସ୍ତା, ନାଳ ସଫେଇ, ବିଦ୍ୟୁତ୍ ସେବା ଏବଂ ମନଇଚ୍ଛା ବିଦ୍ୟୁତ୍ କାଟକୁ ନେଇ ଜନସାଧାରଣ ଅଭିଯୋଗ କରିଥିଲେ। ଏହା ବ୍ୟତୀତ ୧୦୦ ବର୍ଷ ପୁରୁଣା ରାଇଘର ସାପ୍ତାହିକ ହାଟ କିପରି ପୂନର୍ବାର ବସିବ ଏବଂ ଅଞ୍ଚଳରେ ବେଆଇନ ଭାବେ ବସୁଥିବା ହାଟକୁ କିପରି ରବିବାର ବନ୍ଦ କରାଯିବ ଏହାକୁ ନେଇ ଗ୍ରାମବାସୀ ଅଭିଯୋଗ ଜଣାଇଥିଲେ। ରାଇଘର ପାରୁଆ ରାସ୍ତାରେ ନୂଆ କରି ହୋଇଥିବା ବାର୍(ବିଦେଶୀ ମଦ ) ଦୋକାନକୁ ନିକଟବର୍ତ୍ତୀ ଗ୍ରାମବାସୀ ବିରୋଧ କରି କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ୧୦ ଦିନ ମଧ୍ୟରେ ଏ ନେଇ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ହଟିଥିଲା।

# ‘ଲୋକେ ଜଙ୍ଗଲ ଜମି ଅଧିକାର ଜାଣିବା ଆବଶ୍ୟକ’

- ଜଙ୍ଗଲ ଅଧିକାର ଆଇନ ପ୍ରଶିକ୍ଷଣ ଶିବିର
- ଜିଲାରେ ୧୨ ହଜାର ଲୋକଙ୍କୁ ମିଳିଲାଣି ପଟ୍ଟା

ଉମରକୋଟ,୧୮।୫(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ପ୍ରଶାସନ ପକ୍ଷରୁ ନବ ନିର୍ବାଚିତ ଲୋକ ପ୍ରତିନିଧିଙ୍କୁ ନେଇ ଜଙ୍ଗଲ ଅଧିକାର ଆଇନ ୨୦୦୬ ବିଷୟରେ ଏକ ଏକଦିବସୀୟ ପ୍ରଶିକ୍ଷଣ ଶିବିର ବୁଧବାର ଉମରକୋଟ ବ୍ଲକ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହେଇଯାଇଛ। ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ଜିଲାପାଳ କମଳ ଲଚନ ମିଶ୍ର ଯୋଗଦେଇ ଏହାର ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ।

ସମ୍ମାନିତ ଅତିଥି ରୂପେ ଡିଆର୍‌ଡିଏ ପିଡି ରତ୍ନାକର ସାହୁ, ଆଇଟିଡିଏ ନବରଙ୍ଗପୁରର ସତନ୍ତ୍ର ଅଧିକାରୀ ରାଜେଶ କୁମାର ସାହୁ, ଉମରକୋଟ ବିଡିଓ ହିମାଞ୍ଚଳ ମାଝି, ତହସିଲଦାର ଏନ୍. ଜଗତଜୀବନ ଚୌଧୁରୀ, ବ୍ଲକ ଅଧକ୍ଷା ସୁଶୀଳା ମାଝି, ଉମରକୋଟ ବିଧାୟକଙ୍କ ବ୍ଲକ ପ୍ରତିନିଧି କାଜାମ ମାଦାନି, ଉପାଧକ୍ଷ ଶ୍ୟାମଳ ସରକାର, ଉମରକୋଟ ରେଞ୍ଜର ପୂର୍ଣ୍ଣଚନ୍ଦ୍ର ନାୟକ, ପ୍ରମୁଖ ଉପସ୍ଥିତ ଥିଲେ। ନବରଙ୍ଗପୁର ଜିଲା ଏକ ଅନୁସୂଚିତ ଜାତି ଓ ଜନଜାତି ଅଞ୍ଚଳ। ତେଣୁ ଅଧିକରୁ ଅଧିକ ଲୋକ ଜଙ୍ଗଲ ଜମି ଅଧିକାର ଉପରେ ଜାଣିବା ଆବଶ୍ୟକ ବୋଲି ଜିଲାପାଳ ଏଠାରେ କହିଛନ୍ତି। ଏବେ ସୁଦ୍ଧା ୧୨୦୦୦ ଲୋକଙ୍କୁ ଜଙ୍ଗଲ ଜମି ଅଧିକାରରେ ପଟ୍ଟା ପ୍ରଦାନ କରାଯାଇଥିବା ସେ କହିଛନ୍ତି। ଜିଲାପାଳ ଜଙ୍ଗଲ ଅଧିକାର ଆଇନ-୨୦୦୬ ଓ ସଂଶୋଧନ ଆଇନ ୨୦୧୨ ରେ ଥିବା ଅଧିବାସୀଙ୍କ ଜଙ୍ଗଲ ଜମି ଉପରେ ଥିବା ସମସ୍ତ ଅଧିକାର ଓ ନିୟମ ଉପରେ ଜନ ପ୍ରତିନିଧିଙ୍କୁ ବୁଝାଇଥିଲେ। ହିତାଧିକାରୀ ମାନେ ଏମ୍‌ଜିଏନ୍‌ଆର୍‌ଇଜିଏସରେ ନିଜ ଜଙ୍ଗଲଜମିର ମରାମତି କାର୍ଯ୍ୟ ମଧ କରିପାରିବେ ବୋଲି ଜିଲାପାଳ କହିଥିଲେ। ଉମରକୋଟ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରିଖିରାମ ଚନ୍ଦ୍ରକାର ମଞ୍ଚ ପରିଚାଳନା କରିଥିଲେ। ଏକ ଦିବସୀୟ ପ୍ରଶିକ୍ଷଣ ଶିବିରରେ ଉମରକୋଟ ବ୍ଲକର ୩ ଜିଲା ପରିଷଦ ସଦସ୍ୟ, ସମସ୍ତ ସରପଞ୍ଚ, ସମସ୍ତ ସମିତି ସଭ୍ୟ, ସମସ୍ତ ଆର୍‌ଆଇ, ଫରେଷ୍ଟର ଓ ଫରେଷ୍ଟ ଗାର୍ଡ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ସମେତ ରାଜସ୍ୱ ଓ ବନ ବିଭାଗ ଅଧିକାରୀ ଏବଂ କର୍ମଚାରୀମାନେ।

# ଲିମାପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବନ୍ଧୁମିଳନ



ପଦ୍ମପୁର, ୧୮।୫(ଡି.ଏନ୍.ଏ.)

ରାୟଗଡ଼ା ଜିଲା ରାମନାଗୁଡ଼ା ବ୍ଲକ ଲିମାପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୧୯୯୧-୯୨ ବ୍ୟାଚ୍‌ର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୩୦ ବର୍ଷ ସ୍କୁଲ ଶିକ୍ଷା ସମାପ୍ତି ପରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଥିବାରୁ ପୁରାତନ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକ ଉତ୍ସାହ ଭାବ ପରିଲକ୍ଷିତ ହେଉଥିଲା। ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶତ୍ରୁଘ୍ନ ହୋତା ମୁଖ୍ୟ ଅତିଥି, ବାବାଜୀ ପଣ୍ଡା, ଭିକାରୀ ପଣ୍ଡା ସମ୍ମାନିତ ଅତିଥି ଏବଂ ମୁଖ୍ୟ ବକ୍ତାଭାବେ ପ୍ରଧାନ ଶିକ୍ଷକ ପ୍ରସନ୍ନ ତ୍ରିପାଠୀ ଯୋଗଦେଇଥିଲେ। ପ୍ରଦୀପ ପ୍ରଜ୍ୱଳନ ସହ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଉପସ୍ଥିତ ପୁରାତନ ଛାତ୍ରୀଛାତ୍ରମାନେ ସ୍କୁଲ ସମୟର ସ୍ମୃତି ବଖାଣିଥିଲେ। ଏହି ବ୍ୟାଚ୍‌ର ତତ୍କାଳୀନ ଛାତ୍ର ତଥା ବର୍ତ୍ତମାନ ସୁବର୍ଣ୍ଣପୁର ଜିଲା ମଙ୍ଗଳ ଅଧିକାରୀ ରବୀନ୍ଦ୍ର ପାଲକା ନିଜ ଅଭିଭାଷଣରେ ତାଙ୍କ ସଫଳତା ପଛରେ ସ୍କୁଲ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଅବଦାନ ଚିର ସ୍ମରଣୀୟ ବୋଲି କହିଥିଲେ। ମୋ ସ୍କୁଲ ଅଭିଯାନରେ ସ୍କୁଲ ପାଇଁ ୧୦ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଥିଲେ। ଅଶ୍ୱିନୀ ତ୍ରିପାଠୀ, ପ୍ରମୋଦ ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ। ଚିନ୍ମୟ ରଥ, ଦିବାକର ପାଢ଼ୀ, ଦଧିବାମନ ପଣ୍ଡା, ବି.ପରମେଶ୍ୱର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ଶିକ୍ଷୟିତ୍ରୀ ପ୍ରଜ୍ଞା ପାରାମିତା ଦେବୀ, ଶିକ୍ଷକ ଭୈରବୀ ରଥ ପ୍ରମୁଖ ଯୋଗ ଦେଇଥିଲେ।

### ଯୁବକ ମୃତ ଘଟଣାରେ ଅଭିଯୁକ୍ତ ଗିରଫ

ଖଲ୍ଲିକୋଟ, ୧୮।୫ (ଡି.ଏନ.ଏ.)– ଖଲ୍ଲିକୋଟ ଥାନା ଅନ୍ତର୍ଗତ ଝରପଲି ଗ୍ରାମରେ ମେ ୬ରେ ଶଙ୍କର ପ୍ରଧାନ ଓ କୃଷ୍ଣ ପ୍ରଧାନଙ୍କ ମଧ୍ୟରେ କୌଣସି କାରଣରୁ ବଚସା ହୋଇଥିଲା। ପରେ ଶଙ୍କର ପ୍ରଧାନ ଉତ୍‌କ୍ଷିପ୍ତ ହୋଇ କୃଷ୍ଣଙ୍କୁ ଆକ୍ରମଣ କରିଥିଲେ। ଫଳରେ କୃଷ୍ଣଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ପ୍ରଥମେ ଆହତଙ୍କୁ ଖଲିକୋଟ ପରେ ବ୍ରହ୍ମପୁର ଏବଂ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ କୃଷ୍ଣଙ୍କ ମୃତ୍ୟୁ ହୋଇଛି।

# ସ୍ମାର୍ଟ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଜବରଦଖଲ ଉଚ୍ଛେଦ

ଡାବୁଗାଁ,୧୮।୫(ଡି.ଏନ୍.ଏ.)

ସରକାରଙ୍କ ନିର୍ଦ୍ଦେଶ କ୍ରମେ ଡାବୁଗାଁ ନୁଆ ବସ୍‌ଷ୍ଟାଣ୍ଡ ଠାରେ ସ୍ମାର୍ଟ ବସଷ୍ଟାଣ୍ଡନିର୍ମାଣ ହେବ। ଏଥିପାଇଁ ସମସ୍ତ ପ୍ରକ୍ରିୟା ସରିଛି। ପ୍ରଶାସନ ପକ୍ଷରୁ ପୋଲିସ ଫୋର୍ସ ଉପସ୍ଥିତିରେ ନିର୍ମାଣ ହେବାକୁ ଥିବା ସ୍ମାର୍ଟ ବସଷ୍ଟାଣ୍ଡ ପରିସରରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ଡାବୁଗାଁ ତହସିଲଦାରଙ୍କ କାର୍ଯ୍ୟାଳୟ ଚିଠି ନଂ - ୭୨୨ ଓ ୯୧୮ ଅନୁଯାୟୀ ଦୁଇଟି ପର୍ଯ୍ୟାୟରେ ଜବରଦଖଲକାରୀଙ୍କୁ ଜବରଦଖଲ ସ୍ଥାନ ଖାଲି କରିବା ପାଇଁ ପୂର୍ବରୁ ୨ ଥର ନୋଟିସ ଜାରି କରାଯାଇଛି। ୨୩ ଜଣ ସରକାରୀ ଜମି ଜବରଦଖଲକାରୀଙ୍କୁ ମେ ୧୭ ତାରିଖ ସୁଦ୍ଧା ଜାଗା ଖାଲି କରିବାକୁ ନୋଟିସ ଦିଆଯାଇଥିଲା। ଉକ୍ତ ବସଷ୍ଟାଣ୍ଡ ଖାତା ନମ୍ବର ୪୬୪, ପ୍ଲଟ ନମ୍ବର ୧୧୩୫ ରୁ ୧ ଏକର ୧୨ ଡିସିମିଲି ଜାଗାରେ ୨୩ ଜଣଙ୍କୁ ଜାଗା ଖାଲି କରିବା ପାଇଁ ନୋଟିସ ଜାରି କରାଯାଇଥିଲା। କେତେକ ଲୋକ ନିଜ ପକ୍ଷରୁ ଭାଙ୍ଗି ଦେଇଥିଲେ। ଯେଉଁମାନେ ଖାଲି କରି ନ ଥିଲେ ସେହି ଜାଗାରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ଡାବୁଗାଁ ତହସିଲଦାର ସନ୍ଧ୍ୟା ସମରଥ, ଅତିରିକ୍ତ ତହସିଲଦାର ସତିଶ କୁମାର ବୋଇନି, ବିଡିଓ ଶରତ ମାଝି, ଥାନା ଅଧିକାରୀ ଅଭିମନ୍ୟୁ ଦୁର୍ଗା, ଡାବୁଗାଁ ଆର୍‌ଆଇ ସବ୍ରତ ମିସ୍ତ୍ରୀ, ଘୋଡାଖୁଣ୍ଟା ଆର୍‌ଆଇ ଗଙ୍ଗାଧର ମହଙ୍କୁଡ ପ୍ରମୁଖ ଉପସ୍ଥିତ ଥିଲେ।



ଡାବୁଗାଁ ବସ୍‌ଷ୍ଟାଣ୍ଡରୁ ଜବରଦଖଲ ଉଚ୍ଛେଦ କରାଯାଉଛି।

# ଖବରକାଗଜ ବିତରକଙ୍କୁ ମିଳିଲା ପରିଚୟ ପତ୍ର

ରାୟଗଡ଼ା ଅଫିସ,୧୮।୫–

ରାୟଗଡ଼ା ଜିଲାରେ କାର୍ଯ୍ୟରତ ଦୈନିକ ଖବରାଗକ ବିତରକମାନଙ୍କୁ ଜିଲା ପ୍ରଶାସନ ପକ୍ଷରୁ ପରିଚୟ ପତ୍ର ପ୍ରଦାନ କରାଯାଇଛି। ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶ ଅନୁଯାୟୀ ଜିଲାରେ କାର୍ଯ୍ୟରତ ୧୧୫ ବିତରକଙ୍କୁ ପଞ୍ଜୀକୃତ କରାଯାଇ ସରକାରଙ୍କ ପକ୍ଷରୁ କରୋନା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସେହିପରି ଶ୍ରମିକ ଆଇନ ଅନୁଯାୟୀ ପଞ୍ଜୀକରଣ କରାଯାଇଛି । ଏହି ବିତରକ ମାନଙ୍କୁ ଗତ ଏପ୍ରିଲ ୨୧ରୁ ସଦାଶିବ ତ୍ରିପାଠୀଙ୍କ ଜୟନ୍ତୀରୁ ଜିଲା ପ୍ରଶାସନ ପକ୍ଷରୁ ପରିଚୟ ପତ୍ର ପ୍ରଦାନ ଆରମ୍ଭ ହୋଇ ମେ ୧୭ରେ ଶେଷ ହୋଇଛି। ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରାଙ୍କ ଦ୍ୱାରା ପରିଚୟପତ୍ର ପ୍ରଦାନ କରାଯାଇଥିଲା। ଏହା ବ୍ୟତୀତ ବିଭିନ୍ନ ବ୍ଲକକୁ ଯାଇ ଏହି ପରିଚୟ ପତ୍ର ପ୍ରଦାନ କରାଯାଇଛି । ଏହାଦ୍ୱାରା ଖବରକାଜକ ବିତରକମାନେ ସ୍ୱତନ୍ତ୍ର ସରକାରୀ ସୁବିଧା ପାଇପାରିବେ।

# ଗାଡ଼ି ଧକ୍କାରେ ଯୁବକ ମୃତ

ଗୋପାଳପୁର,୧୮।୫(ଡି.ଏନ.ଏ.)

ଗୋଳନ୍ଥରା ଥାନା ଅଧୀନ ରଣ୍ଡା ଗ୍ରାମ ନିକଟରେ ମଙ୍ଗଳବାର ଅଜଣା ଗାଡି ଧକ୍କାରେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଲୋଚାପଡା ଅଞ୍ଚଳର ଗୋପାଳକୃଷ୍ଣ ପାଢ଼ୀ (୨୬)। ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ଲୋଚାପଡା ଅଞ୍ଚଳର ଗୋପାଳକୃଷ୍ଣ ପାଢ଼ୀ ବାଇକ ଯୋଗେ ପାତ୍ରପୁର ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସବୁ ଦିନ କାର୍ଯ୍ୟରେ ଆସନ୍ତି। ମଙ୍ଗଳବାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟ ସାରି ବାଇକ ଯୋଗେ ଗୋପାଳକୃଷ୍ଣ ଘରକୁ ଆସୁଥିବା ବେଳେ ଗୋଳନ୍ଥରା ଥାନା ଅନ୍ତର୍ଗତ ରଣ୍ଡା ଗ୍ରାମ ନିକଟରେ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା। ରାସ୍ତାରେ ପଡି ଗୋପାଳକୃଷ୍ଣ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଓ ପୋଲିସ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# କେନ୍ଦ୍ରୀୟ ବିଦ୍ୟାଳୟର ସ୍ଥାୟୀ ଗୃହ ନିର୍ମାଣ ନେଇ ଅନୁଧ୍ୟାନ

ଗୁଣପୁର,୧୮।୫(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁରଠାରେ କେନ୍ଦ୍ରୀୟ ବିଦ୍ୟାଳୟର ସ୍ଥାୟୀ ଗୃହ ନିର୍ମାଣ ନେଇ ସ୍ଥିତି ଅନୁଧ୍ୟାନ କରାଯାଇଛି। ତହସିଲ ଅଫିସ ଠାରେ କେନ୍ଦ୍ରୀୟ ବିଦ୍ୟାଳୟର ୧୦ ଏକର ପରିମିତ ସ୍ଥାୟୀ ଜମିରେ କୋଠା ନିର୍ମାଣ ନେଇ ପଦକ୍ଷେପ ଆରମ୍ଭ ହୋଇଛି। କୋରାପୁଟ କେନ୍ଦ୍ରୀୟ ପବ୍ଲିକ ୱାର୍କର୍ସ ବିଭାଗର ନିର୍ବାହୀ ଯନ୍ତ୍ରୀ ଲୋକେନ୍ଦ୍ର ସିଂ, ସହକାରୀ ଯନ୍ତ୍ରୀ ଅଭିଲାଷ ସାହୁ, କନିଷ୍ଠ ଯନ୍ତ୍ରୀ ରବିଶଙ୍କର ପ୍ରଜାପତି ପ୍ରମୁଖ ବୁଧବାର ଗୁଣପୁର ଆସି ଜମି ଦେଖିବା ସହ କିପରି ଡିଜାଇନ ଏବଂ କେଉଁ ସ୍ଥାନରେ କ'ଣ ନିର୍ମାଣ କରାଯିବ ସେ ନେଇ ଅନୁଧ୍ୟାନ କରିଥିଲେ। ଯନ୍ତ୍ରୀମାନେ ଏହି ଅବସରରେ ତହସିଲଦାର ଶରତ ଚନ୍ଦ୍ର ନାୟକ ଏବଂ ପରିଚାଳନା କମିଟିର ସଦସ୍ୟ ତଥା ସାମାଜିକ କର୍ମୀ ଅକ୍ଷୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦ୍ର ଶିକ୍ଷା ବିଭାଗ ପକ୍ଷରୁ ଦେଶର ୪୦ ସ୍କୁଲର ଗୃହ ନିର୍ମାଣ ନେଇ ମଞ୍ଜୁରୀ ପ୍ରଦାନ କରାଯାଇଥିବାବେଳେ ଗୁଣପୁର ଅନ୍ୟତମ। ମୃତ୍ତିକା ପରୀକ୍ଷା ସହ ଜମି ଚିହ୍ନଟକରଣ, ଡିଜାଇନ, ଏଷ୍ଟିମେଟ ଆଦି କାର୍ଯ୍ୟ ନେଇ ଆଲୋଚନା ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ଏଥିନିମନ୍ତେ ୨୦ ଲକ୍ଷ ଟଙ୍କା ମଞ୍ଜୁରୀ ମିଳିଥିବା ଜଣାପଡ଼ିଛି। କେନ୍ଦ୍ରୀୟ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରିନ୍ସିପାଲ ପରେଶ କୁମାର ସାହୁ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ। କୋଠା ନିର୍ମାଣ ନେଇ ପ୍ରକ୍ରିୟା ଆରମ୍ଭ ହୋଇଥିବାରୁ ସହରବାସୀଙ୍କ ପକ୍ଷରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କୃତଜ୍ଞତା ଜଣାଯାଇଛି।



କେନ୍ଦ୍ରୀୟ ବିଦ୍ୟାଳୟର ଜମିରେ କୋଠା ନିର୍ମାଣ ନିମନ୍ତେ ଅନୁଧ୍ୟାନ କରାଯାଉଛି।

# ଝରିଗାଁ-ଡାବୁଗାଁ ରାସ୍ତାରେ ଗଛ ପଡ଼ି ଯାତାୟାତ ବାଧାପ୍ରାପ୍ତ

- ତାଣ୍ଡବ ରଚିଲା କାଳବୈଶାଖୀ
- ଝରିଗାଁ-ଉମରକୋଟ ରାସ୍ତାରେ ଯାନବାହନ ଚଳାଚଳ ବନ୍ଦ
- ବିଦ୍ୟୁତ୍ ସେବାରେ ବ୍ୟାଘାତ

ଝରିଗାଁ ୧୮।୫(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକରେ ବୁଧବାର ଅପରାହ୍ନରେ କାଳବୈଶାଖୀ ତାଣ୍ଡବ ରଚିଛି। ଝରିଗାଁ-ଡାବୁଗାଁ ରାସ୍ତାରେ ଏକାଧିକ ଗଛ ଭାଙ୍ଗି ରାସ୍ତାରେ ପଡ଼ିଛି। ଫଳରେ ଯାତାୟାତରେ ସମସ୍ୟା ସୃଷ୍ଟି ହୋଇଛି। ସେହିପରି ସଦରସ୍ଥିତ ବିଭିନ୍ନ ହୋଟେଲ, ଦୋକାନ ଓ ଘରର ଆଜବେଷ୍ଟସ ନଷ୍ଟ ହୋଇଛି।

ଜୟନ୍ତୀନଗର ସାହିର ପାର ହରିଜନ, ଚମରା ହରିଜନ, ରାଜବତୀ ହରିଜନ ଏବଂ ମଙ୍ଗଲୁ ହରିଜନର ଘରର ଆଜବେଷ୍ଟସ ଚାଳ ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ସେହିପରି ଉଦଲିଆଗୁଡ଼ା ସାହିରେ ପୀତବାସ ହରିଜନ, ସୋନୁ ହରିଜନ, ପୁରୁଷମ ହରିଜନ ଏବଂ ତ୍ରିନାଥ ହରିଜନଙ୍କ ଘର ଚାଳ ଉଡ଼ିଯାଇଛି । କେତେକ ସ୍ଥାନରେ ବିଦ୍ୟୁତ୍ ସେବା ମଧ ପ୍ରଭାବିତ ହୋଇଛି। କାଳବୈଶାଖୀରେ ଝରିଗାଁ-ଡାବୁଗାଁ ରାସ୍ତାରେ ଥିବା ପେଟ୍ରୋଲ ପମ୍ପରେ ଅଧିକ କ୍ଷୟକ୍ଷତି ଘଟିଛି। ପ୍ରବଳ ବେଗରେ ପବନ ଯୋଗୁ ପେଟ୍ରୋଲ ପମ୍ପରେ ଲାଗିଥିବା ୧୦ ସୋଲାର ପ୍ଲେଟ ନଷ୍ଟ ହୋଇଯାଇଛି। ସେହିପରି ପମ୍ପ ଅଚଳ ହୋଇପଡ଼ିଛି। ବିଦ୍ୟୁତ୍ ତାର ଗୁଡ଼ିକ ମଧ ପବନରେ ଛିଣ୍ଡିଯାଇଛି। ପ୍ରାୟ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର କ୍ଷତି ହୋଇଥିବା ପେଟ୍ରୋଲ ପମ୍ପ ମାଲିକ କହିଛନ୍ତି। ଖବର ଲେଖାଯିବା ସୁଦ୍ଧା ଝରିଗାଁ ଅଗ୍ନିଶମ ବିଭାଗ କର୍ମଚାରୀ ମାନେ ଗଛ କାଟି ରାସ୍ତା ସଫା କରୁଥିବା ଜଣାପଡ଼ିଛି। ସେହିପରି ଝରିଗାଁ-ଉମରକୋଟ ରାସ୍ତାର ମେନ୍ଦାବେଡ଼ା ଗ୍ରାମ ନିକଟ କଲଭର୍ଟ ନିର୍ମାଣ ଯୋଗୁ ଡାଇଭର୍ସନ ରାସ୍ତା ଦେଇ ଗାଡ଼ି ଚଳାଚଳ କରୁଥିବାବେଳେ ପ୍ରବଳ ବର୍ଷା ଯୋଗୁ ଉକ୍ତ ରାସ୍ତାରେ ପାଣି ଜମିଛି। ଫଳରେ ଯାନବାହନ ଚଳାଚଳ ବନ୍ଦ ହୋଇଛି। ଝରିଗାଁ-ଉମରକୋଟ ରାସ୍ତା ମଧ ବନ୍ଦ ଥିବାରୁ ଅନ୍ୟ ଏକ ରାସ୍ତାଦେଇ ଗାଡ଼ି ଚଳାଚଳ କରୁଛି। ତେବେ ପୂର୍ତ୍ତ ବିଭାଗ ପକ୍ଷରୁ ପକ୍କାରାସ୍ତା ବଦଳରେ କଚ୍ଚାରାସ୍ତାରେ ଡାଇଭର୍ସନ କରାଯାଇଥିବାରୁ ଏଭଳି ପରିସ୍ଥିତି ଉପୁଜିଥିବା ଅଞ୍ଚଳବାସୀ କହିଛନ୍ତି। ଏହାର ସମାଧାନ କରା ନ ଗଲେ ଆଗକୁ ବର୍ଷାରେ ଆହୁରି ସମସ୍ୟା ହେବ ବୋଲି ସେମାନେ କହିଛନ୍ତି।



ଝରିଗାଁ– ଡାବୁଗାଁ ରାସ୍ତାରେ ଗଛ ପଡିଛି ।

## ସଂକ୍ଷେପରେ

### ବିଦେଶୀ ମଦ ଜବତ, ଜଣେ ଗିରଫ

ଚିତ୍ରକୋଣ୍ଡା,୧୮।୫(ଡି.ଏନ.ଏ.)- ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଏସ୍‌ଡିପିଓ ଅଂଶୁମାନ ଦିବେଦୀଙ୍କ ନିର୍ଦ୍ଦେଶରେ ଚିତ୍ରକୋଣ୍ଡା ଥାନା ଅଧିକାରୀ ଅନିଲ ପରିଡ଼ାଙ୍କ ନେତୃତ୍ୱରେ ଏକ ଟିମ୍ ଚିତ୍ରକୋଣ୍ଡାର ଢ଼େପସାହିରେ ଚଢାଉ କରି ବିଭିନ୍ନ ସ୍ଥାନରୁ ୨୧ ଲିଟର ୭୫ ଗ୍ରାମ ବିଦେଶୀ ମଦ ଜବତ କରିଛି। ଏଥିରେ ସମ୍ପୃକ୍ତ ଜଣକୁ ଗିରଫ କରାଯାଇଛି। ସେ ହେଲେ ରାକେଶ ସିଙ୍ଗ। ତାଙ୍କୁ ଥାନାକୁ ଆଣି ଅଟକ ରଖାଯାଇଛି। ରଖି ଅଧିକ ପଚରା ଉଚରା କରି ଏକ ମାମଲା ରୁଜୁ କରି ଥାନା କେଶ ନମ୍ବର କେସ୍ ନଂ. ୬୧/୨୨।

### ମାରପିଟ ମାମଲାରେ ୨ ଭାଇ ଗିରଫ



ଜୟପୁର, ୧୮।୫ (ନି.ପ୍ର.)-ଏକ ମାରପିଟ ମାମଲାରେ ୨ ଭାଇଙ୍କୁ ସଦର ପୋଲିସ ବୁଧବାର ଗିରଫ କରିଛି। ସେମାନେ ହେଲେ ଲମତାଗୁଡାର ପଦ୍ମନ ହରିଜିନ ଓ ମାଟି ହରିଜନ। ୨୦୦୭ରେ ସଦର ଥାନା ଅନ୍ତର୍ଗତ ଲମତାଗୁଡାର ପଦ୍ମନ ଓ ମାଟିଙ୍କ ନାମରେ ମାରପିଟ କରିଥିବା ନେଇ ସଦର ଥାନାରେ ଅଭିଯୋଗ ହୋଇଥିଲା। ସେବେଠାରୁ ୨ ଭାଇ ଫେରାର ଥିଲେ।

### ଜୁଆଆଡ୍ଡା ଉପରେ ଚଢାଉ, ୭ ଗିରଫ

ଜୟପୁର, ୧୮।୫ (ନି.ପ୍ର.)- ଜୁଆ ଆଡ୍ଡା ଚାଲିଥିବା ବେଳେ ଜୟପୁର ଟାଉନଥାନା ପୋଲିସ ଚଢାଉ କରି ୪ ମହିଳାଙ୍କ ସହ ୭ ଜଣଙ୍କୁ ଗିରଫ କରିଛି। ବ୍ରହ୍ମାସାହିରେ ଜୁଆଖେଳ ଚାଲୁଥିବା ଖବର ପାଇ ପୋଲିସ ଚଢାଉ କରିଥିଲା। ଗିରଫ ଜୁଆଡ଼ିଙ୍କ ଠାରୁ ୧୬ ହଜାର ୭୮୦ ଟଙ୍କା ଜବତ ହୋଇଥିବା ଥାନା ଅଧିକାରି ସଞ୍ଜୟ ମଣ୍ଡଳ କହିଛନ୍ତି।

### ପଟାଙ୍ଗୀରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ପଟାଙ୍ଗୀ,୧୮।୫(ଡି.ଏନ.ଏ)-କୋରାପୁଟ ଜିଲା ପଟାଙ୍ଗୀ ବ୍ଲକର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରେ ଦିବ୍ୟାଙ୍ଗମାନଙ୍କ ପାଇଁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ସମୁଦାୟ ୨୫୨ ଜଣ ଦିବ୍ୟାଙ୍ଗଙ୍କ ନାମ ପଞ୍ଜୀକରଣ ହୋଇଥିଲା। ଶହୀଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟ କୋରାପୁଟର ଡାକ୍ତରମାନେ ଶିବିରରେ ଭିନ୍ନକ୍ଷମଙ୍କୁ ପରୀକ୍ଷା ନିରୀକ୍ଷା ପରେ ପ୍ରମାଣପତ୍ର ପ୍ରଦାନ କରିବାକୁ ଅନୁମୋଦନ କରିଥିଲେ। ବ୍ଲକ ଅଧକ୍ଷା କଳ୍ପନା ପାଙ୍ଗି, ବିଡ଼ିଓ ସୌମ୍ୟ ସାର୍ଥକ ମିଶ୍ର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସିମାଞ୍ଚଳ ମହାପାତ୍ର ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ପଟାଙ୍ଗୀ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଟି ସୁରଭି, କନିଷ୍ଠ ସହାୟକ ଗୌତମ ଖୋସ୍ଲା ଓ ପ୍ରତୀକ୍ଷା ଗୌଡ ଶିବିର ପରିଚାଳନା କରିଥିଲେ।

# ମାଛକୁଣ୍ଡ ଜଳବିଦ୍ୟୁତ୍ ପ୍ରକଳ୍ପରୁ ଉତ୍ପାଦନ ୩ ଦିନ ବନ୍ଦ ରହିବ

କୋରାପୁଟ,୧୮।୫(ସ୍ୱ.ପ୍ର.)

କୋରାପୁଟ ଜିଲା ଲମତାପୁଟ ବ୍ଲକର ଅନକାଡେଲିଠାରେ ଥିବା ମାଛକୁଣ୍ଡ ଜଳବିଦ୍ୟୁତ ପ୍ରକଳ୍ପ ୩ ଦିନ ବନ୍ଦ ରଖିବା ପାଇଁ ପ୍ରକଳ୍ପ କର୍ତ୍ତପକ୍ଷ ନିଷ୍ପତ୍ତି ନେଇଛନ୍ତି। ତେବେ ଏହି ବନ୍ଦ ଯୋଗୁ ଦୈନିକ କ୍ଷତି ୧୮ ଲକ୍ଷ ଅନୁସାରେ ମୋଟ ୫୪ ଲକ୍ଷ ଟଙ୍କା ରାଜସ୍ୱ କ୍ଷତି ହେବ। ମାଛକୁଣ୍ଡ ଜଳବିଦ୍ୟୁତ ପ୍ରକଳ୍ପ ଅଧୀନରେ ଆସୁଥିବା ଜଳାପୁଟ, ମାଛକୁଣ୍ଡ ଡି ଡ୍ୟାମ ଏବଂ ଅନକାଡେଲିସ୍ଥିତ ଟିପି ଡ୍ୟାମ ଜଳ ଭଣ୍ଡାରର ବାସ୍ତବ ସ୍ଥିତି ଅନଧ୍ୟାନ ପାଇଁ ପ୍ରକଳ୍ପ କର୍ତ୍ତୃପକ୍ଷ ଏପରି ନିଷ୍ପତ୍ତି ନେଇଥିବା ଜଣାପଡିଛି। କୋରାପୁଟ ଜିଲା ଲମତାପୁଟ ବ୍ଲକ ଅନକାଡେଲିଠାରେ ରହିଛି ମାଛକୁଣ୍ଡ ଜଳ ବିଦ୍ୟୁତ୍ ପ୍ରକଳ୍ପ। ପ୍ରକଳ୍ପ ଆରମ୍ଭରୁ ଆନ୍ଧ୍ର ଓ ଓଡିଶା ମଧ୍ୟରେ ୭୦-୩୦ ଅନୁପାତରେ ଅଧିକାର ନେଇ ଚୁକ୍ତିନାମା ହୋଇଥିଲା। ମାତ୍ର ଗତ ଦୁଇ ବର୍ଷ ତଳେ ଏହି ଚୁକ୍ତିନାମା ଶେଷ ପରେ ବର୍ତ୍ତମାନ ଉଭୟ ଆନ୍ଧ୍ର ଓ ଓଡିଶା ଏହି ପ୍ରକଳ୍ପ ନେଇ ସମାନ ଅଧିକାର ପାଇବାକୁ ଏକ ଚୁକ୍ତିନାମା ହୋଇଛି। ବର୍ତ୍ତମାନ ଏହି ପ୍ରକଳ୍ପକୁ ଆନ୍ଧ୍ର ଜଳ ବିଦ୍ୟୁତ ନିଗମ ଏବଂ ଏପି ଜେନକୋ ପରିଚାଳନା କରୁଥିବା ଜଣାପଡିଛି। ତେବେ ରାଜ୍ୟ ସରକାର ଟାଟା କମ୍ପାନୀକୁ ଏହାର ପରିଚାଳନା ଦାୟିତ୍ୱ ଦେଇଛନ୍ତି। ଫଳରେ ଟାଟା କମ୍ପାନୀ ପକ୍ଷରୁ ମାଛକୁଣ୍ଡ ଜଳବିଦ୍ୟୁତ ପ୍ରକଳ୍ପର ଅନୁଧାନ ଆରମ୍ଭ କରିଛି। ପ୍ରକଳ୍ପର ବର୍ତ୍ତମାନ ସ୍ଥିତି କ'ଣ ରହିଛି ତାହା ଜାଣିବାକୁ ପ୍ରକଳ୍ପକୁ ୩ ଦିନ ପାଇଁ ବନ୍ଦ କରାଯାଇ କମ୍ପାନୀର ମେକାନିକ ଟିମ ଜଳାପୁଟସ୍ଥିତ ମୁଖ୍ୟ ଜଳଭଣ୍ଡାର ସମେତ ମାଛକୁଣ୍ଡ ଡି ଡ୍ୟାମ, ଅନକାଡେଲିସ୍ଥିତ ଟିପି ଡ୍ୟାମର ନିରୀକ୍ଷଣ କରୁଥିବା ଜଣାଯାଇଛି। ମାଛକୁଣ୍ଡ ପ୍ରକଳ୍ପର ଡି ଡ୍ୟାମ ଓ ଟିପି ଡ୍ୟାମକୁ ମଙ୍ଗଳବାର ଶୁଖାଯାଇଥିବାବେଳେ ବୁଧବାର ଟାଟା କମ୍ପାନୀ କର୍ତ୍ତୃପକ୍ଷ ଡ୍ୟାମର ସମସ୍ତ ୬ଟି ଗେଟ୍ ଯାଞ୍ଚ କରିବା ସହିତ ଡ୍ୟାମର ସମସ୍ତ ସିଭିଲ କାର୍ଯ୍ୟ ଅନୁଧାନ କରୁଥିବା ଜଣାଯାଇଛି। ସେହିଭଳି ଡି ଡ୍ୟାମଠାରୁ ଟିପି ଡ୍ୟାମ ପର୍ଯ୍ୟନ୍ତ ଥିବା ଟନେଲ କେନାଲ ଯାଞ୍ଚ କରାଯାଉଥିବା ପ୍ରକଳ୍ପର ଡେପୁଟି ସହକାରୀ ଯନ୍ତ୍ରୀ ବଜ୍ର ସୁନ୍ଦର ପାଢୀ ସୂଚନା ଦେଇଛନ୍ତି। ସୂଚନା ଥାଉକି ଯେ ମାଛକୁଣ୍ଡ ଜଳବିଦ୍ୟୁତ ପ୍ରକଳ୍ପରେ ସମୁଦାୟ ୬ଟି ଟରବାଇନ ରହିଥିବାବେଳେ ଦୈନିକ ୧୨୦ ମେଗାୱାଟ ବିଦ୍ୟୁତ୍ ଉତ୍ପାଦାନ ହେଉଛି। ଗତ କିଛି ମାସ ଧରି ୨ଟି ଟରବାଇନ ଯାନ୍ତ୍ରିକ କାରଣରୁ ଅସ୍ଥାୟୀ ଭାବେ ବନ୍ଦ ରହିଛି। ବର୍ତ୍ତମାନ କେବଳ ପ୍ରକଳ୍ପରେ ୪ଟି ଟରବାଇନ କାର୍ଯ୍ୟ କରୁଥିବାବେଳେ ସେଥିରୁ ଦୈନିକ ମାତ୍ର ୭୨ ମେଗାୱାଟ ବିଦ୍ୟୁତ ଉତ୍ପାଦାନ ହେଉଛି।



**ପ୍ରତ୍ୟେହ କ୍ଷତି ହେବ ୧୮ ଲକ୍ଷ**

### ବଦଳି ସତ୍ତ୍ୱେ ଗାଦି ଛାଡୁନାହାନ୍ତି ଏବିଇଓ

ସେମିଳିଗୁଡ଼ା/ସୁନାବେଡ଼ା, ୧୮।୫(ସ୍ୱ.ପ୍ର.)

ଅନ୍ୟତ୍ର ବଦଳି ସତ୍ତ୍ୱେ ସେମିଳିଗୁଡ଼ା ଏବିଇଓ ଜସନ ବେନିଆ ଗାଦି ଛାଡୁନାହାନ୍ତି। ମାସେ ହେଲାଣି ସେ ବଦଳି ସ୍ଥାନକୁ ନ ଯାଇ ଏଠାରେ ଅଛନ୍ତି। ତାଙ୍କର ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ୍‌କୁ ୨୦।୪।୨୨ରେ ବଦଳି ହୋଇଛି। ୧୯୯୧ରେ ସେମିଳିଗୁଡ଼ା ବ୍ଲକ ସୋରିଷପଦର ଅଞ୍ଚଳର ଏକ ବିଦ୍ୟାଳୟରେ ଶିକ୍ଷାକର୍ମୀ ଭାବେ ଚାକିରି ଜୀବନ ଆରମ୍ଭ କରିଥିବା ବେନିଆ ୨୦୧୩ରେ ଏବିଇଓ ରୂପେ ପଦୋନ୍ନତି ପାଇଥିଲେ। ଏକକାଳୀନ ୫୬ ଜଣ ଏବିଇଓଙ୍କ ବଦଳି ହୋଇଥିଲା। ସେଥିରେ ୨୫ ନମ୍ବରରେ ବେନିଆଙ୍କ ନାମ ରହିଥିଲା। ସେ ବଦଳି ଜାଗାକୁ ନ ଯିବା ନେଇ ପଚାରିବାକୁ ଜିଲା ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାହାକଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ୍ କାଟି ଦେଇଥିଲେ।

### ପ୍ରାକୃତିକ ବିପର୍ଯ୍ୟୟକୁ ମୁକାବିଲା ନେଇ ଜିଲାସ୍ତରୀୟ ବୈଠକ

ମାଲକାନଗିରି,୧୮।୫ (ଡି.ଏନ.ଏ.)

ମାଲକାନଗିରି ଜିଲା ସଦର ମହକୁମା ଡିଆରଡିଏ ସଭାଗୃହଠାରେ ମାଲକାନଗିରି ଜିଲାପାଳ ବିଶାଲ ସିଂଙ୍କ ଅଧ୍ୟକ୍ଷତାରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନେଇ ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ବିଭିନ୍ନ ଝଡବାତ୍ୟାଜନିତ ପରିସ୍ଥିତିରେ ଜିଲାବାସୀଙ୍କୁ କିଭଳି ସୁରକ୍ଷା ଦେଇହେବ ସେନେଇ ବୈଠକରେ ଆଲୋଚନା ହୋଇଥିଲା। ପ୍ରତି ବ୍ଲକରେ ଥିବା ବାତ୍ୟା ଆଶ୍ରୟ ସ୍ଥଳ ସୁରକ୍ଷିତ ଅଛି କି ନାହିଁ, କିଭଳି ଜରୁରୀ ସମୟରେ ଖାଦ୍ୟ ଓ ପାନୀୟ ଜଳର ବନ୍ଦୋବସ୍ତ କରାଯିବ ସେ ସମ୍ପର୍କରେ ମଧ୍ୟ ବୈଠକରେ ଆଲୋଚନା କରାଯାଇଥିଲା। ବୈଠକରେ ଜିଲାର ୭ଟି ବ୍ଲକର ବିଡିଓ, ତହସିଲଦାର ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।



# ବିଦ୍ୟୁତ୍ କାଟ୍‌ର କିଛି ସମୟ ପରେ ବିଦ୍ୟୁତ୍ ନ ଆସିଲେ ଥାନାରେ ଅଭିଯୋଗ କର

ଜୟପୁର, ୧୮।୫ (ନି.ପ୍ର.)

**ପଞ୍ଚାୟତ ସମିତି ବୈଠକ**

ଜୟପୁର ବ୍ଲକ ସଭାଗୃହରେ ପ୍ରଥମ ପଞ୍ଚାୟତ ସମିତି ବୈଠକ ବୁଧବାର ଅନୁଷ୍ଠିତ ହୋଇଛି। ବିଡିଓ ସୁରୋଜ ପଟ୍ଟନାୟକଙ୍କ ସଭାପତିତ୍ୱରେ ହୋଇଥିବା ଏହି ବୈଠକରେ ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗଦେଇ ସମସ୍ତ ନୂଆ ସରପଞ୍ଚ, ସମିତିସଭ୍ୟଙ୍କୁ ସ୍ୱାଗତ ଜଣାଇଥିଲେ। ସମସ୍ତେ ରାଜନୀତିରୁ ଉର୍ଦ୍ଧ୍ୱରେ ରହି ବିକାଶ କ୍ଷେତ୍ରରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ଗ୍ରାମାଞ୍ଚଳରେ ପାନୀୟ ଜଳ ବ୍ୟବସ୍ଥା ଠିକନାହିଁ। ଏ ଦିଗରେ ସୁଧାର ଆଣିବାକୁ ପରାମର୍ଶ ଦେଇଥିଲେ। ଜଣେ ହିତାଧିକାରୀଙ୍କୁ ୨/୩ଟି ଆବାସ ଗୃହ ଯୋଗାଣ ଯେପରି ନ ହୁଏ ସେଥିପ୍ରତି ବ୍ଲକ ପ୍ରଶାସନ ନଜର ରଖିବାକୁ କହିଥିଲେ। କୃଷି, ବିଦ୍ୟୁତ କାଟ ନେଇ ବୈଠକରେ ଆଲୋଚନା ହୋଇଥିଲା। ବିଦ୍ୟୁତ କାଟ ହେବାର କିଛି ସମୟ ପରେ ବିଦ୍ୟୁତ ସଂଯୋଗ ନ ହେଲେ ଥାନାରେ ଅଭିଯୋଗ କରିବାକୁ ବାହିନୀପତି ପରାମର୍ଶ ଦେଇଥିଲେ। ଏହା ଦ୍ୱାରା ବିଦ୍ୟୁତ କର୍ମଚାରୀ ଗିରଫ ହେବେ ବୋଲି ସେ କହିଥିଲେ। ବୈଠକରେ ବ୍ଲକ ଆଧକ୍ଷା ତିଲୋତମା ମୁଦୁଲି, ଉପାଧ୍ୟକ୍ଷ ଗଣେଶ ପାଢୀ, ଏମ୍‌ପି ପ୍ରତିନିଧି କୃଷ୍ଣଚନ୍ଦ୍ର ନେପାକ, ଜିଲା ପରିଷଦ ସଭ୍ୟା ତପତି ପଟ୍ଟନାୟକ, ରଶ୍ମିରାଣୀ ରଥ, ଆସ୍କା ନାୟକ, ଜିପିଓ କ୍ଷିତିଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ସରପଞ୍ଚ, ସମିତିସଭ୍ୟମାନେ ଆଲୋଚନା କରୁଛନ୍ତି।

# ସହରରୁ ଜବରଦଖଲ ଉଚ୍ଛେଦ



ଜେସିବି ଲଗାଇ ଜବରଦଖଲ ଉଚ୍ଛେଦ କରାଯାଉଛି।

ଜୟପୁର, ୧୮।୫ (ନି.ପ୍ର.)

ଜୟପୁର ସହରରେ ଦିନକୁ ଦିନ ଜବଦଦଖଲ ବଢିବାରେ ଲଗିଛି। ପୌର ପ୍ରଶାସନ ଏଥବରେ ରୋକୋ ଲଗାଇବାକୁ ମଙ୍ଗଳବାର ଉଚ୍ଛେଦ ଆରମ୍ଭ କରିଛି। ସହରର କେବିଏସଡି ରୋଡ, ଏମଜି ରୋଡ, ଷ୍ଟେଟବ୍ୟାଙ୍କ ନିକଟରେ ଜବରଦଖଲକାରୀଙ୍କୁ ଉଚ୍ଛେଦ କରାଯାଇଛି। ରାସ୍ତା ଉପରେ ଦୋକାନ, ଘର ଆଦି ଉଚ୍ଛେଦ କରାଯାଇଛି। ପର୍ଯ୍ୟାୟକ୍ରମେ ସହରର ସମସ୍ତ ଅଞ୍ଚଳରେ ହୋଇଥିବା ଜବରଦଖଲ ଉଚ୍ଛେଦ କରାଯିବ ବୋଲି ପୌର ପ୍ରଶାସନ ପକ୍ଷରୁ କୁହାଯାଇଛି। ଉଚ୍ଛେଦ ସମୟରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ପୌର କର୍ମଚାରୀ, ଟାଉନଥାନା ପୋଲିସ ଉପସ୍ଥିତ ଥିଲେ।

# ଉଦ୍‌ଘାଟନ ହେଲା ଚିତ୍ରକୋଣ୍ଡା ଦମକଳ କେନ୍ଦ୍ର

ଚିତ୍ରକୋଣ୍ଡା,୧୮।୫(ଡି.ଏନ.ଏ.)

- ୧୮ ପଞ୍ଚାୟତର ୧୫୧ଟି ଗ୍ରାମର ଗ୍ରାମବାସୀ ଉପକୃତ ହେବେ
- ଦମକଳ କେନ୍ଦ୍ର ପ୍ରତିଷ୍ଠା ନେଇ ଅଞ୍ଚଳବାସୀଙ୍କ ବହୁ ଦିନର ଦାବି ଥିଲା
- ପୂର୍ବରୁ ୩ ବ୍ଲକ ଉପରେ ନିର୍ଭର କରିବାକୁ ପଡୁଥିଲା

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଅଞ୍ଚଳ ନିମନ୍ତେ ଚିତ୍ରକୋଣ୍ଡାଠାରେ ଦମକଳ କେନ୍ଦ୍ର ବୁଧବାର ଉଦ୍‌ଘାଟିତ ହୋଇଛି। ଫଳରେ ଅଞ୍ଚଳବାସୀଙ୍କ ଦୀର୍ଘ ଦିନର ପ୍ରତୀକ୍ଷାର ଅନ୍ତ ହୋଇଛି। ଏହାକୁ ଭର୍ଚୁଆଲ ମାଧ୍ୟମରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଓ ରାଜସ୍ୱ ମନ୍ତ୍ରୀ ସୁଦାମ ମାର୍ଣ୍ଡି ଉଦ୍‌ଘାଟନ କରିଛନ୍ତି। ପୂର୍ବରୁ ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ୧୮ଟି ପଞ୍ଚାୟତର ୧୫୧ଟି ଗ୍ରାମର ଗ୍ରାମବାସୀ କୌଣସି ବିପର୍ଯ୍ୟୟ ଘଟିଲେ କୁଡୁମୁଲୁଗୁମା, କୋରୁକୋଣ୍ଡା କିମ୍ବା ମାଲକାନଗିରି ଅଗ୍ନିଶମ ବିଭାଗ ଉପରେ ନିର୍ଭର କରିବାକୁ ପଡୁଥିଲା। ଘଟଣାସ୍ଥଳରେ ଅଗ୍ନିଶମ ବିଭାଗ ପହଞ୍ଚିବା ବେଳକୁ ବହୁ ସମୟ ଲାଗୁଥିଲା। ଏହି ସମୟ ମଧ୍ୟରେ ଧନ, ଜୀବନ, ସମ୍ପତ୍ତି ଆଦି ବ୍ୟାପକ ପରିମାଣରେ କ୍ଷୟକ୍ଷତି ହେଉଥିଲା। ଚିତ୍ରକୋଣ୍ଡା ବ୍ଲକର ୧୮ଟି ପଞ୍ଚାୟତ ଅଞ୍ଚଳରେ ପ୍ରତିବର୍ଷ ଡଙ୍ଗା ବୁଡ଼ି ଏବଂ ନଦୀରେ ଭାସି ଯାଇ ଲୋକେ ପ୍ରାଣ ହରାଇବା ପରି ଘଟଣା ଘଟୁଥିଲା। ଅଞ୍ଚଳବାସୀ ଦମକଳ କେନ୍ଦ୍ରଟିଏ ପ୍ରତିଷ୍ଠା ଲାଗି ବହୁ ଦିନରୁ ଦାବି କରି ଆସୁଥିଲେ। ଏ ସମ୍ପର୍କରେ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ହେଉଥିଲା। ଅଞ୍ଚଳବାସୀ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝୀ ଏବଂ ଚିତ୍ରକୋଣ୍ଡା ତହସିଲଦାର ଟି. ପଦ୍ମନାଭ ଦୋରାଙ୍କୁ ଭେଟି ଦମକଳ କେନ୍ଦ୍ର ପ୍ରତିଷ୍ଠା ଲାଗି ଅନୁରୋଧ କରିଥିଲେ। ଉଭୟେ ଏନେଇ ପ୍ରତିଶ୍ରୁତି ଦେଇଥିଲେ। ଚିତ୍ରକୋଣ୍ଡାରେ ଦମକଳ କେନ୍ଦ୍ର ସ୍ଥାପନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ମାଲକାନଗିରି ଜିଲାପାଳ ଚିତ୍ରକୋଣ୍ଡାରେ ଦମକଳ କେନ୍ଦ୍ର ଖୋଲିବାକୁ ପ୍ରସ୍ତାବ ଜଣାଇବା ପରେ ବ୍ରହ୍ମପୁର ଦକ୍ଷିଣାଞ୍ଚଳ ଅଗ୍ନିଶମ ଅଧିକାରୀ ଏହାକୁ ମଞ୍ଜୁର କରି ଜାଗା ଚିହ୍ନଟ ପାଇଁ ଚିତ୍ରକୋଣ୍ଡା ତହସିଲଦାରଙ୍କୁ ଜଣାଇଥିଲେ। ତହସିଲଦାର ଜାଗା ଚିହ୍ନଟ କରି ଟ୍ରେସ ମ୍ୟାପ ସହ ତଥ୍ୟ ପ୍ରଦାନ କରିଥିଲେ। ଏହାର ସୁଫଳ ଏବେ ମିଳିଛି। ଚିତ୍ରକୋଣ୍ଡା ଅଞ୍ଚଳରେ ଦମକଳ କେନ୍ଦ୍ରର ସ୍ଥାୟୀ କାର୍ଯ୍ୟାଳୟ ଲାଗି ସମସ୍ତ ପଦକ୍ଷେପ ନେଇ ବୁଧବାରଠାରୁ ଚିତ୍ରକୋଣ୍ଡା ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ଅସ୍ଥାୟୀ ଭାବରେ ଦମକଳ କେନ୍ଦ୍ର ଆରମ୍ଭ ହୋଇଛି। ଏହାକୁ ବୁଧବାର ଭର୍ଚୁଆଲ ମାଧ୍ୟମରେ ଉଦ୍‌ଘାଟନ କରାଯାଇଛି।



ଉଦ୍‌ଘାଟିତ ହୋଇଥିବା ଦମକଳ କେନ୍ଦ୍ର।

### ବିଭିନ୍ନ ଶିକ୍ଷାନୁଷ୍ଠାନରେ ଆର୍ଟ ଅଫ୍ ଗିଭିଙ୍ଗ୍ ଡେ ପାଳିତ




...

ମାଲକାନଗିରି, ୧୭।୫ (ଡି.ଏନ.ଏ.)

ସାରା ବିଶ୍ୱ ମଙ୍ଗଳବାର ଆର୍ଟ ଅଫ ଗିଭିଙ୍ଗ୍ ଡେ ପାଳନ ହୋଇଛି। ମାଲକାନଗିରି ଜିଲାରେ ମଧ ଏହିଦିବସ ପାଳିତ ହୋଇଛି। ଏନେଇ ଜିଲାର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥିଲା। ଜିଲା ସଦର ମହକୁମାର ମଡର୍ଣ୍ଣ ସ୍କୁଲ, ଜାଭିୟର ସ୍କୁଲ, ମହିଳା ମହାବିଦ୍ୟାଳୟ, ଗୋବିନ୍ଦପଲି ମାଳିଗୁଡା ସ୍କୁଲ ଭଳି ବିଭିନ୍ନ ସ୍ଥାନରେ ଏହି ଦିବସ ପାଳନ ହୋଇଥିଲା। ପ୍ରତ୍ୟେକ ସ୍କୁଲରେ ଗରିବ ପିଲାଙ୍କୁ ଶିକ୍ଷା ଉପକରଣ ପ୍ରଦାନ କରାଯାଇଥିଲା। କିସ୍ ସଂଯୋଜକ ରମ୍ୟରଞ୍ଜନ ପରିଡା, ସହ ସଂଯୋଜକ ଉତ୍ତମ ଶାହା, ପ୍ରସାଦ ନାୟକ, ସନ୍ତୋଷ ନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ପେନାଙ୍ଗି ସଂରକ୍ଷିତ ଜଙ୍ଗଲରେ ନେଚର ଟ୍ରାୟଲର ସମୀକ୍ଷା

ଜୟପୁର,୧୮।୫ (ନି ପ୍ର)

ଜୟପୁର ଜିଲା କୋର୍ଟ ନିକଟରେ ପେନାଙ୍ଗି ସଂରକ୍ଷିତ ଜଙ୍ଗଲରେ ହେବାକୁ ଥିବା ନେଚର ଟ୍ରାୟଲର ସମୀକ୍ଷା ହୋଇଛି। ଏହା ୪୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବ। ଏହାର ଭିତ୍ତିପ୍ରସ୍ତର ଗତ ଜାନୁୟାରୀରେ ବିଧାୟକ ତାରା ପ୍ରସାଦ ବାହିନୀପତି କରିଥିଲେ। ଏନେଇ ବୁଧବାର ପୌରାଧକ୍ଷ ନରେନ୍ଦ୍ର ମହାନ୍ତି, ପୌର କାର୍ଯ୍ୟନିବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ଡିଏମଓ ଏନ.ଏସ.ଜେ.ପି ସିଂ, କନିଷ୍ଠ ଯନ୍ତ୍ରୀ ପ୍ରତାପ ଚନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ପେନାଙ୍ଗି ସଂରକ୍ଷିତ ଜଙ୍ଗଲରେ ପହଞ୍ଚି ସମୀକ୍ଷା କରିଥିଲେ। ଆସନ୍ତା ୨ ମାସ ଭିତରେ ଏହି ନେଚର ଟ୍ରାୟଲ ଶେଷ କରିବା ପାଇଁ ନିଷ୍ପତ୍ତି ହୋଇଛି।

### ଗ୍ରାହକ ସେବା କେନ୍ଦ୍ରରୁ ଅର୍ଥ ଲୁଟ୍ ଅଭିଯୋଗ

ମାଲକାନଗିରି,୧୮।୫ (ଡି.ଏନ.ଏ.)

ମାଲକାନଗିରି ଜିଲା କାଲିମେଲା ବ୍ଲକ ଅନ୍ତର୍ଗତ ଏମଭି-୭୨ ଗ୍ରାମରେ ଥିବା ଏକ ବ୍ୟାଙ୍କର ଗ୍ରାହକ ସେବା କେନ୍ଦ୍ରରେ ଅର୍ଥ ଲୁଟ୍ କରାଯାଉଥିବା ଅଭିଯୋଗ ହୋଇଛି। ଏହି ବ୍ୟାଙ୍କରେ ଅନ୍ୟମାନଙ୍କ ଭଳି ଗ୍ରାମର ମାଲା ମାଡକାମୀ ଓ ମୋତି ମାଡକାମୀ ନିଜ ଜମାଖାତା ଖୋଲିଥିଲେ। ଉଭୟଙ୍କୁ ବ୍ୟାଙ୍କ ଖାତା କିମ୍ବା ଏଟିଏମ କାର୍ଡ ପ୍ରଦାନ କରାଯାଇ ନ ଥିଲା। ଉଭୟେ ଟଙ୍କା ଉଠାଣ ପାଇଁ ବ୍ୟାଙ୍କର ଗ୍ରାହକ ସେବା କେନ୍ଦ୍ରକୁ ଯାଉଥିଲେ। ଉକ୍ତ କେନ୍ଦ୍ରର ପରିଚାଳକ ଅମିତ କୁମାର ମାଲା ଓ ମୋତିଙ୍କ ବ୍ୟାଙ୍କ ଜମାଖାତାରେ ଆସିଥିବା ଅନେକ ଅର୍ଥ ହଡପ କରି ନେଇଥିଲେ। ମାଲା ଓ ମୋତିଙ୍କ ନିକଟରେ କୌଣସି ଏଟିଏମ କିମ୍ବା ବ୍ୟାଙ୍କ ଖାତା ନ ଥିବାରୁ ସେମାନେ ଏନେଇ କିଛି ଜାଣି ପାରୁନଥିଲେ। ଏବେ ସେମାନେ ଏ ସମ୍ପର୍କରେ ଜାଣିବା ପରେ ବୁଧବାର ମାଲକାନଗିରି ବିଧାୟକ ଆଦିତ୍ୟ ମାଡ଼ିଙ୍କ ଦ୍ୱାରସ୍ଥ ହୋଇ ଏହାର ତଦନ୍ତ କରିବାକୁ ଅନୁରୋଧ କରିଛନ୍ତି। ଏଭଳି ଘଟଣା ନୂଆ ନୁହେଁ, ଅନେକ ଲୋକଙ୍କ ଅର୍ଥକୁ ଏଭଳି ଲୁଟ୍ କରାଯାଉଛି। ଭିଜିଲାନ୍ସ ତଦନ୍ତ ହେଲେ ଏହାର ସତ୍ୟାସତ୍ୟ ସାମ୍ନାକୁ ଆସିବ ବୋଲି ବିଧାୟକ ମାଡ଼ି କହିଛନ୍ତି।



### ୩.୫ କୁଇଣ୍ଟାଲ ଗଞ୍ଜେଇ ଜବତ, ୫ ଗିରଫ

ମାଲକାନଗିରି,୧୮।୫ (ଡି.ଏନ.ଏ.)

ମାଲକାନଗିରି ଏସଡିପିଓ ଶୁଭେନ୍ଦୁ କୁମାର ପାତ୍ରଙ୍କ ନିର୍ଦ୍ଦେଶରେ ମଙ୍ଗଳବାର ରାତିରେ ମାଥିଲି ଥାନା ଅଧିକାରୀ ସୂର୍ଯ୍ୟ ପ୍ରକାଶ ନାୟକଙ୍କ ନେତୃତ୍ୱରେ ଗଞ୍ଜେଇ ଚୋରା ଚାଲାଣ ବେଳେ ଚଢାଉ କରାଯାଇ ଜବତ କରାଯାଇଛି। ଏହାର ପରିମାଣ ସାଢେ ୩ କୁଇଣ୍ଟାଲ ବୋଲି ଜଣାପଡିଛି। ଏଥିରେ ସମ୍ପୃକ୍ତ ୫ ଜଣଙ୍କୁ ଗିରଫ କରାଯାଇଛି। ବିଳମ୍ବିତ ରାତିରେ ମାଲକାନଗିରି ଏସଡିପିଓ ଶୁଭେନ୍ଦୁ କୁମାର ପାତ୍ରଙ୍କ ସୂଚନା ମୁତାବକ ମାଥିଲି ଥାନା ଅଧିକାରୀ ଓ ତାଙ୍କ ଟିମ ଗୋଣ୍ଡିଆଗୁଡା ନିକଟରେ ଜଗି ରହିଥିଲେ। ୫ଜଣ ଗଞ୍ଜେଇ ଚାଲାଣକାରୀ କାଉଡ଼ି ମାଧ୍ୟମରେ ବାଲିମେଲା ଜଳଭଣ୍ଡାର ଦେଇ ଗଞ୍ଜେଇ ଜଙ୍ଗଲ ରାସ୍ତାରେ ନବରଙ୍ଗପୁର ଜିଲା ଡାବୁଗାଁ ଅଞ୍ଚଳକୁ ଚାଲାଣ କରୁଥିବା ବେଳେ ଜଗି ରହିଥିବା ପୋଲିସ ସେମାନଙ୍କୁ କାବୁ କରି ଗିରଫ କରିଥିଲା। ସେମାନଙ୍କ ନିକଟରୁ ୩.୫ କୁଇଣ୍ଟାଲ ଗଞ୍ଜେଇ, ନଗଦ ୨୫୦୦ ଟଙ୍କା ଓ ଗୋଟିଏ ମୋବାଇଲ୍ ଫୋନ୍ ଜବତ ହୋଇଛି। ଏନେଇ ମାଥିଲିଥାନାରେ କେସ୍ ନଂ. ୧୦୪/୨୨ରେ ଏକ ମାମଲା ରୁଜୁ ହୋଇଛି। ବୁଧବାର ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।



ଗିରଫ ୫ ଅଭିଯୁକ୍ତ।

# ସରକାରୀ ଅର୍ଥରେ ବେସରକାରୀ ସଂସ୍ଥାକୁ ରାସ୍ତା

ସୁନାବେଡ଼ା/ସେମିଳିଗୁଡ଼ା, ୧୮।୫ (ସ୍ୱ.ପ୍ର.)

- ସାଧାରଣ ଲୋକଙ୍କ କାମରେ ଆସିବ ନାହିଁ
- ୧୦ ଲକ୍ଷ ବ୍ୟୟରେ ୩ମାସ ମଧ୍ୟରେ କରାଯାଇଛି
- ତଦନ୍ତକରି ପଦକ୍ଷେପ ନେବି: ପୌରାଧକ୍ଷ

ସରକାରୀ ଅର୍ଥରେ ବେସରକାରୀ ରାସ୍ତା ସୁନାବେଡ଼ା ପୌର ପରିଷଦ ଅଞ୍ଚଳରେ ନିର୍ମାଣ ହୋଇଥିବା ଏବେ ନଜରକୁ ଆସିଛି। ୨୬ ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ପୌର ପରିଷଦର ମଲ୍ଟି ଫଙ୍କସନ ହଲ୍ ରହିଛି। ଏହା ନିକଟରେ ମା' ଧାନରାଗିଣୀ ମନ୍ଦିର ଏବଂ ପାହାଡ଼କୁ ଯିବାକୁ ରାସ୍ତା ରହିଛି। ଏଠାରୁ କିଛି ଦୂର ଯିବା ପରେ ସେହି ରାସ୍ତାଠାରୁ ପ୍ରାୟ ୨ଶହରୁ ଅଢ଼େଇ ଶହ ମିଟର ରାସ୍ତା ଏକ ଘରୋଇ ଶିକ୍ଷା ଅନୁଷ୍ଠାନର ପଛପଟ ବାଉଣ୍ଡରି ୱାଲ୍‌କୁ ରାସ୍ତା ନିର୍ମାଣ କରାଯାଇଛି। ଏହା ସାଧାରଣ ଲୋକଙ୍କ କୌଣସି କାମରେ ଆସିବ ନାହିଁ। ଲାଗିଥିବା ସୂଚନା ଫଳକ ଅନୁସାରେ ୧୦ ଲକ୍ଷ ଟଙ୍କା ବ୍ୟୟରେ ୨୮।୯।୨୦୨୧ରେ କାମ ଆରମ୍ଭ ହୋଇ ୨୫।୧୨।୨୦୨୧ରେ ସରିଛି। ମାତ୍ର ଫଳକରେ ନିୟମ ଅନୁଯାୟୀ ଠିକା ସଂସ୍ଥାର ନାମ ଓ ୱାର୍ଡ ନଂ. ଲେଖାଯାଇନାହିଁ। ଧାନରାଗିଣୀ ମନ୍ଦିରକୁ ସଂଯୋଗ କରୁଥିବା ରାସ୍ତା ଖରାପ ହୋଇଯାଇଥିବା ବେଳେ ତାହାକୁ ପୌର ପରିଷଦ ନିର୍ମାଣ ନ କରି ଘରୋଇ ଶିକ୍ଷାନୁଷ୍ଠାନର ପଛପଟ ବାଉଣ୍ଡରି ୱାଲ୍‌କୁ ସଂଯୋଗ ନେଇ ରାସ୍ତା ନିର୍ମାଣ କରିବା କାହା ସ୍ୱାର୍ଥରେ କରାଯାଇଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ପୌରାଧକ୍ଷ ଡ. ରାଜେନ୍ଦ୍ର କୁମାର ପାତ୍ରଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ, ଏହା ତାଙ୍କ ସମୟରେ ହୋଇନାହିଁ। ଯଦି ଏପରି କିଛି ହୋଇଛି ତେବେ ଏହାର ତଦନ୍ତକରି ପଦକ୍ଷେପ ନେବେ ବୋଲି କହିଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ଗୋବିନ୍ଦ ଦନସେନାଙ୍କୁ ପଚାରିବାରୁ କହିଲେ, ସେ ନିକଟରେ ସୁନାବେଡ଼ା ପୌର ପରିଷଦକୁ ଆସିଛନ୍ତି। ଏ ବିଷୟରେ କିଛି ଜାଣିନାହାନ୍ତି। ତଥାପି ଏ ସମ୍ପର୍କରେ କ'ଣ ପଦକ୍ଷେପ ନିଆଯାଇପାରିବ ସେ ଦେଖୁଛନ୍ତି ବୋଲି କହିଥିଲେ।



ସମ୍ପୃକ୍ତ ଶିକ୍ଷାନୁଷ୍ଠାନକୁ ନିର୍ମାଣ ହୋଇଥିବା ରାସ୍ତା।

